ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

## କୋଇଲିବୈକୁଣ୍ଠରେ ବନଯାଗ ନିମନ୍ତେ ଗୁଆ ଟେକିଲେ ଗଜପତି ମହାରାଜା

ପୁରୀ, ତା ୫.୬ :- ଆଜି ସକାଳେ ଶ୍ରୀନଅରଠାରେ ଗଜପତି ମହାରାଜାଙ୍କ ଦ୍ୱାରା ବ୍ରାହ୍ମଣ ବରଣ କାର୍ଯ୍ୟ ସଂପନ୍ନ ହୋଇଛି । ସକାଳ ୮ଘ.୧୫ମିରେ ବିଜେ କାହାଳୀ ବାଜିବା ପରେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ଆସି ଆସ୍ଥାନ ମଣ୍ଡନ କରିଥିଲେ । ବ୍ରାହ୍ମଣ ବରଣ ପାଇଁ ଶ୍ରୀନଅର ଠାରେ ଏକ ସ୍ୱତନ୍ତ୍ର ପୂଜା ବିଧି ଅନୁଷ୍ଠିତ ହୋଇଥିଲା । ଗଜପତି ମହାରାଜା ରାଜଗୁରୁଙ୍କୁ ଗୁଆ ଟେକିବା ପରେ ରାଜଗୁରୁ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ଗୁଆ, ଚାଉଳ, ନଡ଼ିଆ, ପଇତା ବ୍ରାହ୍ମଣମାନଙ୍କୁ ପ୍ରଦାନ କରି ମନ୍ତ୍ରପାଠ ମାଧ୍ୟମରେ ସଂକଳ୍ପ କରାଇଥିଲେ । ଏହି ଅବସରରେ ୭୪ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ବରଣ ହୋଇଥିଲେ । ଏହାପରେ ବ୍ରାହ୍ମଣ ପଣ୍ଡିତମାନେ ଶ୍ରୀନଅରରୁ ବାହାରି କୋଇଲି ବୈକୁଣ୍ଠକୁ ଯାଇଥିଲେ ।

ଆଜିଠାରୁ କୋଇଲିବୈକୁଣ୍ଠରେ ପ୍ରତିଷ୍ଠା ଯଜ୍ଞ ଆରମ୍ଭ ହୋଇଛି । ଏତଦ୍‌ବ୍ୟତୀତ ଦାରୁ ବିଗ୍ରହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହା ଏଗାର ଦିନ ଧରି ଚାଲିବ । ଆସନ୍ତା ୧୫ତାରିଖ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଗଜପତି ମହାରାଜାଙ୍କ କରକମଳରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସଂପନ୍ନ ହେବ । ସେହି ଦିନ ନିଶାର୍ଦ୍ଧରେ ଶ୍ରୀଜୀଉମାନଙ୍କର ଘଟ ପରିବର୍ତ୍ତନ କରାଯିବ । ଦେଉଳ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଯଜ୍ଞ ଓ ପୂଜାକାର୍ଯ୍ୟରେ ଆଚାର୍ଯ୍ୟ, ନ୍ୟାସାଚାର୍ଯ୍ୟ, ବ୍ରହ୍ମା, ଚରୁ ଆଚାର୍ଯ୍ୟ, ସମିଧ ଆଚାର୍ଯ୍ୟ, ପ୍ରଚାରକ, ପୁସ୍ତକାଚାର୍ଯ୍ୟ, ମଣ୍ଡଳାଚାର୍ଯ୍ୟ, ଯାପକ, ଶାଳାରକ୍ଷକ, ଅଗ୍ନିରକ୍ଷକ, ପ୍ରଭୃତି ଶ୍ରୋତ୍ରୀୟ ବ୍ରାହ୍ମଣମାନେ ବରଣ ହୋଇଥିଲେ । କୋଇଲି ବୈକୁଣ୍ଠରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିମଳା, ବାଟମଙ୍ଗଳା, ଭୁବନେଶ୍ୱରୀ, ଉତ୍ତରାୟଣୀ, ଦକ୍ଷୀଣକାଳୀ, ଅଲାମଚଣ୍ଡୀ, ଚର୍ଚ୍ଚିକା, ମର୍ଚ୍ଚିକା, ଶ୍ୟାମାକାଳୀ, ବାସେଳୀ, ବରାହୀ, ଅର୍ଦ୍ଧାସିନୀ (ମାଉସୀ ମା'), ବିଶ୍ୱେଶ୍ୱରୀ ଆଦି ଶକ୍ତି ପୀଠରେ ଚଣ୍ଡୀପାଠ ଓ ଶ୍ରୀଐଶାନେଶ୍ୱର, ଶ୍ରୀବୈକୁଣ୍ଠେଶ୍ୱର, ଶ୍ରୀଲୋକନାଥ, ଶ୍ରୀଜମ୍ବେଶ୍ୱର, ଶ୍ରୀମାର୍କଣ୍ଡେୟ, ଶ୍ରୀନୀଳକଣ୍ଠ, ଶ୍ରୀକପାଳଲୋଚନ, ଶ୍ରୀଅଷ୍ଟଶମ୍ଭୁ ପ୍ରଭୃତି ଶୈବପୀଠରେ ରୁଦ୍ରାଭିଷେକ ଆରମ୍ଭ ହୋଇଛି ।

ଏହି ଉତ୍ସବରେ ଶ୍ରୀମନ୍ଦିରର ପ୍ରଶାସକ (ନୀତି) ଶ୍ରୀ ପ୍ରଦୀପ କୁମାର ଦାଶ, ନୀତି ଅଧିକାରୀ ଶ୍ରୀ ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ମଠର ମହନ୍ତ, ସାଧୁ, ସନ୍ଥମାନଙ୍କ ଗହଣରେ ଏହି ବ୍ରାହ୍ମଣ ବରଣ ପର୍ବ ଅନୁଷ୍ଠିତ ହୋଇଥିଲା ଏହି ଅବସରରେ ମୁକ୍ତି ମଣ୍ଡପ ପଣ୍ଡିତ ସଭା ତରଫରୁ ପ୍ରକାଶିତ "ଅନ୍ୟାତ୍ର ନବକଳେବର ବିଧି" ଓ ଡ଼ଃ ସିଦ୍ଧେଶ୍ୱର ମହାପାତ୍ରଙ୍କ ସଂପାଦିତ ମାଦଳାପାଞ୍ଜିର ଅଂଶ ବିଶେଷ "କର୍ମାଙ୍ଗୀ ମାଦଳା" ପୁସ୍ତକକୁ ଗଜପତି ମହାରାଜା ଉନ୍ମୋଚନ କରିଥିଲେ ।

ଲକ୍ଷ୍ମୀଧର ପୂଜାପଣ୍ଡା
୫.୬.୧୫

ଲୋକସଂପର୍କ ଅଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର , ପୁରୀ